ପୁଥିଆ ପୁରାୟିଲ କନ୍ନନଙ୍କ ବିଧବା ପତ୍ନୀ କୋଜିପୁରଥ

ଚେମ୍ମାରଥୀ ଦାୟାଦ କୋଝିପୁରଥୁ କାନାରନଙ୍କ ଜରିଆରେ

ବନାମ

ପଟିନହରେ କୋୟାଟାନ ବାଲାନ ଏବଂ ଅନ୍ୟମାନେ

ମାର୍ଚ୍ଚ 21, 1997

[କେ. ରାମସ୍ୱାମୀ ଏବଂ କେ. ଟି. ଥୋମାସ, ନ୍ୟାୟମୂର୍ତ୍ତିଦ୍ୱୟ]

*କେରଳ ଭୂମି ସଂସ୍କାର ଅଧିନିୟମ 1964:*

*ଧାରା 7-B- ତ୍ରୁଟିପୂର୍ଣ୍ଣ ଦଖଲ ମିଆଦି ଅନୁମତିପତ୍ର- ଦଖଲ ମିଆଦି ଅନୁମତିପତ୍ର ଆଧାରରେ 20 ବର୍ଷରୁ ଅଧିକ ଭୂମି ଦଖଲାଧିକାରରେ ପ୍ରଜା- କୁହାଗଲା, ଯଦିଓ ପଞ୍ଜୀକୃତ ଦଖଲ ମିଆଦି ଅନୁମତିପତ୍ର ଅଧୀନରେ ଦଖଲାଧିକାର ପ୍ରଦାନରେ ତ୍ରୁଟି ରହିଛି, ପ୍ରଜା ଦଖଲରେ ରହିଥିବାରୁ ଦଖଲାଧିକାର ପାଇବାକୁ ହକଦାର- ଉଚ୍ଚ ନ୍ୟାୟାଳୟ ଏକ ତଥ୍ୟ ଭାବରେ ଜାଣିବାକୁ ପାଇଛନ୍ତି ଯେ ପ୍ରତିବାଦୀ ତ୍ରୁଟିପୂର୍ଣ୍ଣ ଦଖଲ ମିଆଦି ଅନୁମତିପତ୍ର କାରଣ ଯୋଗୁଁ ଭୂମିର ବିଧିସମ୍ମତ ଦଖଲରେ ରହିଆସିଥିବାରୁ ତାଙ୍କ ଦଖଲାଧିକାର ଧାରା 7-8 ଅଧୀନରେ ସୁରକ୍ଷିତ ।*

*ପରିସୀମା ଅଧିନିୟମ, 1963:*

*ଅନୁସୂଚୀ ପ୍ରତି ଅନୁଚ୍ଛେଦ 120 ଏବଂ 121- ଅବସାନକୁ ରଦ୍ଦ ପାଇଁ ଆବେଦନ- ପରିସୀମା- କୁହାଗଲା, ଅବସାନ ତାରିଖ ଠାରୁ 60 ଦିନ ମଧ୍ୟରେ ଆବେଦନ ଦାଖଲ କରିବା ପ୍ରୟୋଜନ- ଯଦିଓ କାର୍ଯ୍ୟାନୁଷ୍ଠାନର ଅବସାନ ହୋଇଥିଲା, କିନ୍ତୁ ଯେହେତୁ ଆବେଦନ ଅବସାନ ତାରିଖ ଠାରୁ 60 ଦିନ ମଧ୍ୟରେ ଦାଖଲ କରାଯାଇଥିଲା ଏବଂ ଆବେଦନରେ ଦର୍ଶାଯାଇଥିବା କାରଣଗୁଡ଼ିକ ଯୋଗୁଁ, ଅବସାନ ରଦ୍ଦ ହୋଇଛି- ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।*

ଦେୱାନୀ ଆବେଦନ ଅଧିକାରିତା: ସମୀକ୍ଷା ଆବେଦନ ସଂଖ୍ୟା 198/1996

ଆବେଦନ ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 17908/1993

ରେ

ସି.ଆର.ପି. ସଂଖ୍ୟା 1171/1975 ରେ କେରଳ ଉଚ୍ଚ ନ୍ୟାୟାଳୟର ତା 29.8.90 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଟି. ଟି. କୁନହୀକନନ ।

ପ୍ରତିବାଦୀମାନଙ୍କ ପାଇଁ କେ.ଏମ.କେ. ନାୟାର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହି ନ୍ୟାୟାଳୟ 16 ନଭେମ୍ବର, 1995 ରେ ଆଦେଶ ଦେଇ ସ୍ୱତନ୍ତ୍ର ଅନୁମତି ଆବେଦନକୁ ଏହି ଆଧାରରେ ଖାରଜ କରିଦେଇଥିଲେ ଯେ ମୂଳ ଆବେଦନକାରୀ 1 ସେପ୍ଟେମ୍ବର, 1993 ରେ ମୃତ୍ୟୁବରଣ କରିଥିଲେ ଏବଂ ଆଇନଗତ ପ୍ରତିନିଧିମାନଙ୍କୁ ନଥିଭୁକ୍ତ କରିବା ପାଇଁ ଆବେଦନ 27 ଜାନୁୟାରୀ, 1994 ରେ ଦାଖଲ କରାଯାଇଥିଲା ଏବଂ ସେଥିପାଇଁ ଆବେଦନଟିର ଅବସାନ ହୋଇଥିଲା । ଏହା ବିବାଦରେ ନାହିଁ ଯେ ମୂଳ ଆବେଦନକାରୀ 1 ସେପ୍ଟେମ୍ବର, 1993 ରେ ମୃତ୍ୟୁବରଣ କରିଥିଲେ । ପରିସୀମା ଅଧିନିୟମର ଅନୁସୂଚୀର ଅନୁଚ୍ଛେଦ 120 ର କାର୍ଯ୍ୟକାରିତା ଦ୍ୱାରା, ମୃତ ବାଦୀ କିମ୍ବା ପ୍ରତିବାଦୀଙ୍କ ଆଇନଗତ ପ୍ରତିନିଧିମାନଙ୍କୁ ନଥିଭୁକ୍ତ କରିବାକୁ ଆବେଦନଟିକୁ, ବାଦୀ/ପ୍ରତିବାଦୀଙ୍କ ମୃତ୍ୟୁ ତାରିଖ ଠାରୁ 90 ଦିନ ମଧ୍ୟରେ ଦାଖଲ କରାଯିବା ଉଚିତ । ଯଦି ତାରିଖ ମଧ୍ୟରେ ଆବେଦନ ଦାଖଲ କରାଯାଏନାହିଁ, ତେବେ ଅବସାନ

କରାଯାଏ । ଅନୁସୂଚୀର ଅନୁଚ୍ଛେଦ 121 ରେ ବିଚାର କରାଯାଇଥିବା ପରି, ଯାହା ପରିକଳ୍ପନା କରେ ଯେ ଅବସାନକୁ ରଦ୍ଦ କରିବାକୁ ଏକ ଆଦେଶ ଲୋଡ଼ିଲେ, ଅବସାନ ତାରିଖଠା'ରୁ 60 ଦିନ ମଧ୍ୟରେ ଆବେଦନକୁ ରଦ୍ଦ କରିବାକୁ ପଡିବ । ଏହି ମାମଲାରେ, ଯେହେତୁ ମୂଳ ଆବେଦନକାରୀ 1 ସେପ୍ଟେମ୍ବର, 1993 ରେ ମୃତ୍ୟୁବରଣ କରିଥିଲେ, ସେହି ତାରିଖଠା'ରୁ 90 ଦିନ ମଧ୍ୟରେ ଆବେଦନ ଦାଖଲ କରିବାର ଆବଶ୍ୟକତା ଥିଲା, ଯାହା ନିଃସନ୍ଦେହରେ ଦାଖଲ କରାଯାଇନଥିଲା । ତେଣୁ, ଅବସାନ ଘଟିଥିଲା । ଏହାପରେ, ଅବସାନକୁ ରଦ୍ଦ କରିବା ପାଇଁ ଆବେଦନ 27 ଜାନୁୟାରୀ, 1994 ରେ ଦାଖଲ କରାଯାଇଥିଲା ଯାହା 60 ଦିନ ମଧ୍ୟରେ କରାଯାଇଥିଲା । ଯଦିଓ ସେହି ସମୟରେ କାର୍ଯ୍ୟାନୁଷ୍ଠାନର ଅବସାନ ହୋଇଥିଲା, ଆବେଦନରେ ଦର୍ଶାଯାଇଥିବା କାରଣଗୁଡ଼ିକ ଯୋଗୁଁ, ଅବସାନକୁ ରଦ୍ଦ କରାଯାଇଛି । ତଦନୁସାରେ ଅବସାନକୁ ରଦ୍ଦ କରିବା ପାଇଁ ଆବେଦନକୁ ମଞ୍ଜୁର କରାଯାଇଛି ।

ଆମ୍ଭେ ଗୁଣବତ୍ତା ଆଧାରରେ ଏହି ମାମଲାର ଶୁଣାଣୀ କରିଛୁ । ପ୍ରତିବାଦୀଙ୍କ ମାମଲା ଏହିକି ଯେ ସେ ଜମି ମାଲିକଙ୍କ ଦ୍ୱାରା ଦିଆଯାଇଥିବା ଦଖଲ ମିଆଦି ଅନୁମତିପତ୍ର ଆଧାରରେ ଦଖଲରେ ଆସିଛନ୍ତି ଏବଂ ସେ 20 ବର୍ଷରୁ ଅଧିକ ସମୟ ଧରି ଭୋଗଦଖଲରେ ରହିଛନ୍ତି । ସିଆରପି ନମ୍ବର 4171/75 ରେ 29 ଅଗଷ୍ଟ, 1990 ରେ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ରାୟର ପରିଚ୍ଛେଦ 7 ରେ ଏହା ଦର୍ଶାଯାଇଛି ଯେ ପ୍ରତିବାଦୀ ଏକ ଦଖଲ ମିଆଦି ଅନୁମତିପତ୍ର ଅଧୀନରେ ସମ୍ପତ୍ତିର ବିଧିସମ୍ମତ ଦଖଲରେ ଆସିଥିଲେ ଯଦିଓ ତାହା ତ୍ରୁଟିପୂର୍ଣ୍ଣ ବୋଲି ମିଳିଛି । କେରଳ ଭୂମି ସଂସ୍କାର ଅଧିନିୟମର ଧାରା 7-B ଏହିପରି ଅବଧାରଣା କରେ:

> "କୌଣସି ଆଇନରେ କିମ୍ବା କୌଣସି ବିପରୀତ, ଚୁକ୍ତି, ପ୍ରଥା କିମ୍ବା ବ୍ୟବହାରରେ କିମ୍ବା ନ୍ୟାୟାଳୟ କୌଣସି ରାୟ , ଡିକ୍ରି କିମ୍ବା ଆଦେଶରେ ଏହାର ବିପରୀତ ଯାହା କିଛି ଥିବା ସତ୍ତ୍ୱେ, କେରଳ ଭୂମି ସଂସ୍କାର (ସଂଶୋଧନ) ଅଧିନିୟମ, 1969 ର ପ୍ରାରମ୍ଭରେ ଅନ୍ୟ କାହାର ଭୂମି ଦଖଲରେ ଥିବା କୌଣସି ବ୍ୟକ୍ତିଙ୍କୁ ଏକ ପଞ୍ଜୀକୃତ ଦଲିଲ ଆଧାରରେ, ଯାହା ଏକ ଦଖଲ ମିଆଦି ଅନୁମତିପତ୍ର ବୋଲି ଧରାଯାଇଛି, ପ୍ରଜା ବୋଲି ବିବେଚନା କରାଯିବ, ଯଦି ସେ କିମ୍ବା ତାଙ୍କର ସ୍ୱତ୍ୱାଧାରୀ ପୂର୍ବସୂରୀ ସେହି ଦଲିଲ ଆଧାରରେ 11 ଏପ୍ରିଲ, 1957 ରେ ଏପରି ଭୂମିର ଭୋଗଦଖଲରେ ଥିଲେ, ଏହି ସତ୍ୟତା ସତ୍ତ୍ୱେ ଯେ ଦଖଲ ମିଆଦି ଅନୁମତିପତ୍ର ସେହି ବ୍ୟକ୍ତିଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା ଯାହାଙ୍କର ଭୂମି ଉପରେ କୌଣସି ଅଧିକାର ନଥିଲା କିମ୍ବା ଯିଏ ଭୂମିର ଦଖଲ ମିଆଦି ଅନୁମତିପତ୍ର ଦେବାକୁ ସକ୍ଷମ ନଥିଲେ ।"

ତାହାର ଏକ ପଠନ ସ୍ପଷ୍ଟ ଭାବରେ ପରିକଳ୍ପନା କରେ ଯେ କୌଣସି ଆଇନରେ କିମ୍ବା କୌଣସି ଚୁକ୍ତି, ପ୍ରଥା କିମ୍ବା ବ୍ୟବହାରରେ କିମ୍ବା ନ୍ୟାୟାଳୟଙ୍କ କୌଣସି ରାୟ, ଡିକ୍ରି କିମ୍ବା ଆଦେଶରେ ଏହାର ବିପରୀତରେ କିଛି ଥିବା ସତ୍ତ୍ୱେ, ଭୂମି ଦଖଲରେ ଥିବା କୌଣସି ବ୍ୟକ୍ତିଙ୍କୁ......ଏକ ପଞ୍ଜୀକୃତ ଦଲିଲ ଆଧାରରେ, ଯାହା ଏକ ଦଖଲ ମିଆଦି ଚୁକ୍ତି ବୋଲି ଧରାଯିବ, ଦଲିଲରେ ପ୍ରଜା ବୋଲି ବିବେଚନା କରାଯିବ, ଯଦି ସେ କିମ୍ବା ତାଙ୍କ ସ୍ୱତ୍ୱାଧିକାରୀ ପୂର୍ବସୂରୀମାନେ ସେହି ଦଲିଲ ଆଧାରରେ 11 ଏପ୍ରିଲ, 1957 ରେ ଏପରି ଭୂମି ଦଖଲରେ ଥିଲେ, ଏହି ସତ୍ୟତା ସତ୍ତ୍ୱେ ଯେ ଦଖଲ ମିଆଦି ଅନୁମତିପତ୍ର ସେହି ବ୍ୟକ୍ତିଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା ଯାହାଙ୍କର ଭୂମି ଉପରେ କୌଣସି ସ୍ୱତ୍ୱାଧିକାର ନଥିଲା କିମ୍ବା ଯିଏ ଭୂମିର ଦଖଲ ମିଆଦି ଅନୁମତିପତ୍ର ଦେବାକୁ ସକ୍ଷମ ନଥିଲେ । ତେଣୁ, ଏହା ପରିଦୃଶ୍ୟ ଯେ, ଯଦିଓ ପଞ୍ଜୀକୃତ ଦଖଲ ମିଆଦି ଅନୁମତିପତ୍ର ଅଧୀନରେ ଦଖଲାଧିକାର ପ୍ରଦାନରେ ଏକ ତ୍ରୁଟି ରହିଛି ଏବଂ ଏପରି ଏକ ତ୍ରୁଟିରେ ବିଧିସମ୍ମତ ଭୋଗଦଖଲରେ

ରହିଆସୁଥିବା ଜଣେ ବ୍ୟକ୍ତି ଦଖଲାଧିକାର ପାଇବାକୁ ହକଦାର ଅଟନ୍ତି, ଉଚ୍ଚ ନ୍ୟାୟାଳୟ ଏକ ସତ୍ୟତା ଜାଣିବାକୁ ପାଇଛନ୍ତି ଯେ ତ୍ରୁଟିପୂର୍ଣ୍ଣ ଦଖଲ ମିଆଦି ଅନୁମତିପତ୍ର ଆଧାରରେ ଭୂମିର ଆଇନଗତ ଭୋଗଦଖଲରେ ରହିଆସିଥିବା ପ୍ରତିବାଦୀଙ୍କ ଦଖଲାଧିକାର କେରଳ ଭୂମି ସଂସ୍କାର ଅଧିନିୟମର ଧାରା 7-B ଅଧୀନରେ ସୁରକ୍ଷିତ । ତେଣୁ, ହସ୍ତକ୍ଷେପ ପାଇଁ ଆମ୍ଭେ କୌଣସି ଗୁଣବତ୍ତା ପାଉନାହୁଁ ।

ତଦନୁସାରେ ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ କରାଯାଉଛି । ତଦନୁସାରେ ସମୀକ୍ଷା ଆବେଦନକୁ ମଞ୍ଜୁରୀ ଦିଆଯାଉଛି ।

ଆର. ପି.

ଆବେଦନ ଖାରଜ ହୋଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**